**ଜିଲାରୁ ୯୧୬ କରୋନା ସଂକ୍ରମିତ ଚିହ୍ନଟ**

**କଟକ ଅଫିସ:** କଟକ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ଜିଲାରେ ୯୧୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ମହାନଗର ନିଗମ ଅଞ୍ଚଳରେ ୫୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗୁରୁବାର କଟକ ସହରରୁ ୫୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ଆକ୍ରାନ୍ତ ସଂଖ୍ୟା ୫୯୩ ପହଞ୍ଚିଛି। ତେବେ ସରକାରୀ ସଙ୍ଗରୋଧରୁ ୭୬, ଗୃହ ସଙ୍ଗରୋଧରୁ ୨୫୭ ଏବଂ ଲୋକାଲ କଣ୍ଟାକ୍ଟରୁ ୨୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସହରରେ ସମୁଦାୟ ଆକ୍ରାନ୍ତ ସଂଖ୍ୟା ୨୨,୯୯୨ରେ ପହଞ୍ଚିଛି। ସେଥି ମଧ୍ୟରୁ ୧୯,୨୧୬ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୯୧ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ପ୍ରତି ଜିଲାରେ ଖୋଲାଯାଉ କୋଭିଡ୍ ହସ୍ପିଟାଲ

**କଟକ ଅଫିସ, ୭।୫:** ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଛି। ପ୍ରତିଦିନ ବହୁ ସଂଖ୍ୟକ ଲୋକ ସଂକ୍ରମିତ ହେଉଛନ୍ତି। ହେଲେ ସେମାନଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ। ଏଣୁ ପ୍ରତି ଜିଲାରେ କୋଭିଡ୍ ହସ୍ପିଟାଲ ଖୋଲିବା, ହସ୍ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ ଶଯ୍ୟା, ଅମ୍ଳଜାନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଏସ୍‌ୟୁସିଆଇ କଟକ ଜିଲା କମିଟି ପକ୍ଷରୁ ଦାବି କରାଯାଇଛି। ଏଥିସହ ପ୍ରତି ପଞ୍ଚାୟତରେ ମାଗଣାରେ ପର୍ଯ୍ୟାପ୍ତ ପରିମାଣରେ ଟିକା, କୋଭିଡ୍ କେୟାର ସେଣ୍ଟର ଓ ଟେଷ୍ଟିଂ କିଟ୍ ଯୋଗାଇ ଦେବାକୁ ଦାବି ହୋଇଛି। ଲକ୍‌ଡାଉନ ଯୋଗୁ ଜୀବିକା ହରାଇଥିବା ଲୋକଙ୍କୁ ଅତ୍ୟାବଶ୍ୟକ ରାଶନ ସାମଗ୍ରୀ ଯୋଗାଇଦେବା ଓ ବସ୍ତି ଉଚ୍ଛେଦ ବନ୍ଦ କରିବାକୁ ଦାବି କରାଯାଇଛି। ସଙ୍ଗଠନର କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ଶିବାଶିଷ ପ୍ରହରାଜ, ସିଦ୍ଧାର୍ଥ ରଥ, ସସ୍ମିତା ମହାନ୍ତି, ବବି ବଳବନ୍ତରାୟ ପ୍ରମୁଖ ଏ ସମ୍ପର୍କିତ ଏକ ଦାବିପତ୍ର ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି।

### ରାଶନ ସାମଗ୍ରୀ, ଟଙ୍କା ଜବତ: ଯୁବକ ଗିରଫ

**କଟକ ଅଫିସ, ୭।୫:** ଦୋକାନରୁ ରାଶନ ସାମଗ୍ରୀ ଚୋରି କରିବା ଅଭିଯୋଗରେ ସିଡିଏ ଫେଜ୍-୨ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲାଲବାଗ ସିଦ୍ଧେଶ୍ୱର ସାହିର ସଦାଶିବ ସାମଲ। ତାଙ୍କ ନିକଟରୁ ୫୩,୧୬୦ ଟଙ୍କା, ରାଶନ ସାମଗ୍ରୀ, ଚୋରିରେ ବ୍ୟବହାର ହୋଇଥିବା ସାଇକେଲ, ତିନୋଟି ହାତୁଡ଼ି ଓ ସାବଳ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଲକ୍‌ଡାଉନର ସୁଯୋଗ ନେଇ ସଦାଶିବ ସିଡିଏ ସେକ୍ଟର-୧୦ ଓ ୧୧ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରୁ ରାଶନ ଓ ଟଙ୍କା ଚୋରି କରିଥାଏ। ଏନେଇ ଫେଜ୍-୨ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ସଦାଶିବ ଚୋରି କରିଥିବା ଜାଣିବାକୁ ପାଇଥିଲା। ଲୋକେ ଯେପରି ଜାଣି ନ ପାରିବେ ସେଥିପାଇଁ ସଦାଶିବ ସାଇକେଲରେ ବୁଲି ଚୋରି କରୁଥିବା ପୋଲିସ ସୂଚନା ଦେଇଛି।

### ରାଧାରମଣପୁର ଆଦର୍ଶ କାରାଗାରରୁ ୧୪୫ ସ୍ୱାବ ସଂଗୃହୀତ

**ଖୁଣ୍ଟୁଣୀ,୭।୫(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅଞ୍ଚଳରେ କ୍ରମାଗତ ଭାବେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ରାଧାରମଣପୁର ଆଦର୍ଶ କାରାଗାରରେ କୋଭିଡ୍ ସ୍ୱାବ ସଂଗ୍ରହ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରୁ କାରାଗାରର ୯ଜଣ କର୍ମଚାରୀ ଓ ୧୩୬ ଜଣ କଏଦୀଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା। କାରାଗାର ସୁପରିଣ୍ଟେଣ୍ଡେଣ୍ଟ ସୌଭାଗ୍ୟ ରଞ୍ଜନ ବଳ, ଆୟୁଷ ଡାକ୍ତର ସ୍ୱର୍ଣ୍ଣପ୍ରଭା ରାଉତରାୟ, ଶୁଚିସ୍ମିତା ସାହୁ, ସୁଚିତ୍ରା ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଚେକିଂ, ବ୍ଲକିଂକୁ ଖାତିର କରୁନାହାନ୍ତି ଅମାନିଆ

**ରାସ୍ତାରେ ବଢୁଛି ଗାଡ଼ି ଚଳାଚଳ**
- ସାହିଛକରେ ଜମୁଛି ଖଟି

କଟକ ଅଫିସ,୭।୫

କଟକ ସହରରେ କରୋନା ସଂକ୍ରମଣ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ଲୋକଙ୍କ ସୁବିଧା ପାଇଁ ଗ୍ରସରି, ମାଛ, ମାଂସ, ଅଣ୍ଡା ଆଦି ଦୋକାନ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ଅନୁମତି ଦିଆଯାଇଛି। ସହର ଭିତରେ ବାଇକ ଚଳାଚଳ ଉପରେ କଟକଣା ରହିଛି। ଲୋକମାନେ ଚାଲି ଚାଲି ଯାଇ ଆବଶ୍ୟକ ସାମଗ୍ରୀ କିଣିବାକୁ କୁହାଯାଇଛି। ବହୁ ସଂଖ୍ୟକ ଲୋକ ଏହି କଟକଣାକୁ ମାନି ଘରେ ରହୁଥିବାବେଳେ ଆଉ କେତେକ ଅମାନିଆ ଏହାକୁ ମାନିବାକୁ ନାରାଜ। ସହରର ରାସ୍ତାରେ ଦିନକୁ ଦିନ ଗାଡ଼ି ଚଳାଚଳ ବଢ଼ିବାରେ ଲାଗିଛି। ପୋଲିସ ଚେକିଂ ଓ ବ୍ଲକିଂ ସତ୍ତ୍ୱେ ଲକ୍‌ଡାଉନ୍‌ର ତୃତୀୟ ଦିନ ଅର୍ଥାତ୍ ଶୁକ୍ରବାର ସକାଳେ ଲିଙ୍କରୋଡ, ବାଦାମବାଡ଼ି, ରାଣୀହାଟ, ମଙ୍ଗଳାବାଗ ରାସ୍ତାରେ ଅମାନିଆମାନେ ୨/୪ ଚକିଆ ଗାଡ଼ି ଧରି ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ପନିପରିବା, ମାଛ, ମାଂସ କିଣିବାକୁ ଦୋକାନ ସମ୍ମୁଖରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା।

ଲିଙ୍କରୋଡରେ ଥିବା ଡିଭାଇଡରଗୁଡ଼ିକରେ ପୋଲିସ ପକ୍ଷରୁ ବାଉଁଶ ବନ୍ଧା ଯାଇଛି। ହେଲେ ଶୁକ୍ରବାର ଅମାନିଆମାନେ ରାସ୍ତା ପାର୍ ହେବା ପାଇଁ ଉକ୍ତ ବାଉଁଶ ତଳେ ଗଳି ଯାଉଥିବା ଦେଖିବାକୁ ମିଳିଥିଲା। ସେହିଭଳି କେତେକ ସାହି ଛକରେ ଖଟି ଜମୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂ କରାଯାଉଥିଲେ ମଧ୍ୟ ଅମାନିଆମାନେ ଏହାକୁ ଖାତିର କରୁନାହାନ୍ତି। ବିଭିନ୍ନ ବାହାନାରେ ସହର ସାରା ପଇଁତରା ମାରୁଛନ୍ତି। କେତେଜଣ ପୋଲିସ ହାବୁଡ଼ରେ ପଡ଼ି ଜରିମାନା ଦେଉଛନ୍ତି। ତେବେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅମାନିଆମାନଙ୍କଠାରୁ ୩୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ସମ୍ପର୍କରେ ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି, ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚେକିଂକୁ କଡ଼ାକଡ଼ି କରାଯାଉଛି। ଅମାନିଆମାନଙ୍କୁ ସାବାଡ୍ କରିବା ଜରିମାନା ମଧ୍ୟ ଆଦାୟ କରାଯାଉଛି।



କଟକ ଲିଙ୍କରୋଡ୍‌ରେ ଅମାନିଆମାନେ ବାଉଁଶବାଡ଼କୁ ଅତିକ୍ରମ କରି ଯାଉଛନ୍ତି।

## ହାଉସ ସର୍ଜନଙ୍କ ବଦଳି ବାତିଲ ପ୍ରତ୍ୟାହାର ଦାବିରେ ଧାରଣା

କଟକ ଅଫିସ, ୭।୫

ଏସ୍‌ସିବି ମେଡିକାଲର ଜଣେ ହାଉସ ସର୍ଜନଙ୍କ ବଦଳି ବାତିଲ ପ୍ରତ୍ୟାହାରକୁ ନେଇ ହାଉସ ସର୍ଜନମାନେ ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଧାରଣାରେ ବସିଥିଲେ। ମିଳିଥିବା ସୂଚନା ଅନୁଯାୟୀ, କୋଭିଡ୍ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍‌ସିବିର ୨୪୪ ଜଣ ହାଉସ ସର୍ଜନଙ୍କ ମଧ୍ୟରୁ ୧୬୪ ଜଣଙ୍କୁ ୧୦ଟି ଜିଲାକୁ ବଦଳି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ହାଉସ୍ ସର୍ଜନନଙ୍କର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ବଦଳି ହୋଇଥିଲା। ସେ ତାଙ୍କର ପ୍ରଭାବ ବିସ୍ତାର କରି ବଲାଙ୍ଗୀର ବଦଳିକୁ କଟକକୁ ସ୍ଥାନାନ୍ତର କରାଇ ନେଇଥିଲେ। ଏ ବିଷୟରେ ଜଣାପଡ଼ିବା ପରେ ସମସ୍ତ ହାଉସ ସର୍ଜନ ସନ୍ଧ୍ୟା ୬ଟାରୁ ଏସ୍‌ସିବି ଅଧୀକ୍ଷକ ଲୁସି ଦାସଙ୍କ କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିଥିଲେ। ଅଧୀକ୍ଷକ ଦାସ ଧାରଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ହାଉସ ସର୍ଜନଙ୍କର ପୁନର୍ବାର ବଲାଙ୍ଗୀର ବଦଳି କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ହାଉସ ସର୍ଜନମାନେ ଧାରଣାରୁ ହଟିଥିଲେ। ଏ ସମ୍ପର୍କରେ ହାଉସ୍ ସର୍ଜନ ବିଶ୍ୱଜିତ୍ ସାହୁ କହିଛନ୍ତି, ଆମେ ଅଧୀକ୍ଷକଙ୍କର ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଧାରଣା ପ୍ରତ୍ୟାହାର କରିଛୁ। ଶନିବାର ସୁଦ୍ଧା ପ୍ରତିଶ୍ରୁତି ପୂରଣ ନ ହେଲେ ଆମେ ପୁର୍ନବାର ଧାରଣାରେ ବସିବୁ।


ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ହାଉସ୍ ସର୍ଜନମାନେ ଧାରଣା ଦେଇଛନ୍ତି।

## ଗ୍ରୀଷ୍ମଛୁଟି ପାଇଁ ୬୬୨ବର୍ଗ କଲେଜ ସଂଘର ଦାବି

ଭୁବନେଶ୍ୱର,୭।୫(ବ୍ୟୁରୋ):

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମ ଛୁଟି ପାଇଁ ୬୬୨ବର୍ଗ କଲେଜ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସଭାପତି ଗୋଲକ ନାୟକ କହିଛନ୍ତି, ସରକାରଙ୍କ ଛୁଟି ନୀତି ଅନୁଯାୟୀ ପ୍ରତି ବର୍ଷ ମେ' ପ୍ରଥମ ସପ୍ତାହରୁ ଜୁନ୍ ୧୬ ପର୍ଯ୍ୟନ୍ତ ସ୍କୁଲ, କଲେଜଗୁଡ଼ିକୁ ଗ୍ରୀଷ୍ମଛୁଟି ଘୋଷଣା କରାଯାଇଥାଏ। ଏ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ କରୋନା ମହାମାରୀର ପ୍ରକୋପ ଜାରି ରହିଥିବାବେଳେ ସରକାର ଏ ପର୍ଯ୍ୟନ୍ତ ଛୁଟି ଘୋଷଣା କରୁନାହାନ୍ତି। ଗତ ଡିସେମ୍ବର ୧୨ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତାଙ୍କ ପତ୍ରରେ ବାର୍ଷିକ ଛୁଟି ତାଲିକା ପ୍ରକାଶ କରି ଗ୍ରୀଷ୍ମ ଅବକାଶ ୩୬ ଦିନ ଘୋଷଣା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତାଙ୍କ ପତ୍ର ସଂଖ୍ୟା ୮୦୫ରେ ଗତ ଜାନୁୟାରୀ ୧୩ରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ମାତ୍ର ୧୦ଦିନ ଛୁଟି ଘୋଷଣା କରି ଅନ୍ୟସବୁ ଛୁଟି ବାତିଲ କରିଥିଲେ। ଏପରିକି ରବିବାର ମଧ୍ୟ ଆନୁଷ୍ଠାନ ଖୋଲା ରଖି ପାଠ ପଢ଼ା ଜାରି ରଖାଯାଇଥିଲା। ସାଂପ୍ରତିକ ପରିସ୍ଥିତିରେ ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ସମସ୍ତ ସିଲାବସ୍ ଶେଷ ହୋଇ ସାରିଛି। ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏହା ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ମାତ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗ ଏ ଯାବତ୍ ଚୁପ୍ ରହିଥିବାରୁ ଶିକ୍ଷକ ଓ କର୍ମଚାରୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। କରୋନା ମହାମାରୀ ସମୟରେ ଜୀବନକୁ ବିପନ୍ନ କରି ଅନୁଷ୍ଠାନକୁ ଆସିବାକୁ ପଡୁଛି। ବର୍ତ୍ତମାନ ସମୟରେ କୌଣସି ଶୈକ୍ଷିକ କାର୍ଯ୍ୟ ନ ଥିବାବେଳେ ସରକାର କାହିଁକି ଚୁପ୍ ବସିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷେ ଏନେଇ ଗଣଶିକ୍ଷା ସଚିବଙ୍କୁ ଚିଠି ଲେଖି ଅବଗତ କରାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସରକାର ତୁରନ୍ତ ସମସ୍ତ ସ୍କୁଲ, କଲେଜ, ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରିବା ପାଇଁ ସଂଘ ପକ୍ଷରୁ ଗୋଲକ ଦାବି କରିଛନ୍ତି।

## ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଉତ୍ସବ

କଟକ ଅଫିସ, ୭।୫

ଉତ୍କଳ ସାହିତ୍ୟ ସମାଜର ୧୧୯ତମ ପ୍ରତିଷ୍ଠା ଉତ୍ସବ ନିରାଡ଼ମ୍ବର ଭାବେ କଟକ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷାରେ ଅନୁଷ୍ଠାନ କିଭଳି ନିରନ୍ତର କାର୍ଯ୍ୟ କରିଆସିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡ. ସୁନାମଣି ରାଉତ, ଭୀମସେନ ନାୟକ, ଅଧ୍ୟାପକ କମଳ ମାହୁନ୍ତ ଓ ଦେବ ପ୍ରସାଦ ମିଶ୍ର ପ୍ରମୁଖ ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ସାନିଟାଇଜ୍ କରାଯାଉ ସହରାଞ୍ଚଳ

କଟକ ଅଫିସ, ୭।୫

କଟକ ସହରର ସମସ୍ତ ଅଞ୍ଚଳକୁ ପର୍ଯ୍ୟାୟକ୍ରମେ ସାନିଟାଇଜ୍ କରିବାକୁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ସିଏମ୍‌ସି କମିଶନରଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ସିଏମ୍‌ସି ଅଞ୍ଚଳରେ କରୋନା ସଂକ୍ରମଣ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ହେଲେ ସିଏମ୍‌ସି ପକ୍ଷରୁ ସଫେଇ, ଆବର୍ଜନା ସ୍ଥାନାନ୍ତର ଆଦି କାର୍ଯ୍ୟରେ ଅବହେଳା କରାଯାଉଥିବା ଦେଖାଯାଉଛି। ଏପରିକି କୌଣସି ଅଞ୍ଚଳ ବିଶୋଧନ କରାଯାଉନାହିଁ, ବ୍ଲିଚିଂ, ମଶାତେଲ କିମ୍ବା ମଶାଧୂଆଁ ଦିଆଯାଉନାହିଁ। କରୋନା ସଂକ୍ରମିତ ପରିବାରର ଚତୁଃପାର୍ଶ୍ୱ ସଫେଇ, ସାନିଟାଇଜ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲିପ୍ସା


@ ହରି


@ ନରେନ୍ଦ୍ର


@ ବିଶ୍ୱଜିତ୍


@ ବୁଟୁ


@ ସୁବ୍ରତ


@ ସମୀର

## କୋଭିଡ୍ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

ଫୁଲନଖରା, ୭।୫(ଡି.ଏନ.ଏ.)

ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ଶାସନଠାରେ ଥିବା ଆମ୍ରପଲ୍ଲି ହୋଟେଲ ପରିସରରେ ୧୬୦ ଶଯ୍ୟା ବିଶିଷ୍ଟ କୋଭିଡ୍ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଏହାକୁ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ ସଙ୍ଗଠନ ପ୍ରାଚୀ ପ୍ରଜ୍ଞା ପରିଷଦର ଟ୍ରଷ୍ଟି ଅଶ୍ୱିନୀ ମହାପାତ୍ର, ସଭାପତି ଡା. ଯୁଧିଷ୍ଠିର ଖଟୁଆ, ସମ୍ପାଦକ ଅନୁପ ସାମଲ, ଆଇନଜୀବୀ କବି ନାରାୟଣ ଜେନା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ଜିଲା ନୋଡାଲ ଅଧିକାରୀ ଉମେଶ ରାୟ, ବିଡ଼ିଓ ଅଶୋକ କୁମାର ଲେଙ୍କା, ଶୁଭଶ୍ରୀ ରଥ, ପ୍ରଭାକର ପଣ୍ଡା, ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ସାହୁ, ସ୍ମିତାରାଣୀ ସାଇଁ ଓ କଳ୍ପନା ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚିକିତ୍ସା କେନ୍ଦ୍ରରେ ବାରଙ୍ଗ, କଣ୍ଠାପଡ଼ା ଓ ନିଆଳି ବ୍ଲକ ସମେତ ଅନ୍ୟ ଅଞ୍ଚଳର କରୋନା ଆକ୍ରାନ୍ତଙ୍କ ଚିକିତ୍ସା ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।


ବିଧାୟକ ପ୍ରମୋଦ ମଲ୍ଲିକ କୋଭିଡ୍ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

## ଲକ୍‌ଡାଉନ୍: ଭୋକରେ ରହିବେନି ବୁଲା ଜୀବଜନ୍ତୁ

ଭୁବନେଶ୍ୱର,୭।୫(ବ୍ୟୁରୋ)

କରୋନା କେବଳ ମନୁଷ୍ୟ ନୁହେଁ ବରଂ ବୁଲା ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଦୁର୍ଦ୍ଦଶା ଡାକି ଆଣିଛି। କରୋନାର ଦ୍ରୁତ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ୧୪ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ସବୁ ବନ୍ଦ ରହୁଥିବାରୁ ଏହି ସମୟରେ ବୁଲା ଜୀବଜନ୍ତୁମାନେ ଖାଇବାକୁ ପାଉ ନାହାନ୍ତି। ବୁଧବାରଠାରୁ ଲକ୍‌ଡାଉନ ଆରମ୍ଭ ହୋଇଥିବାରୁ ସହରର ଅନେକ ସ୍ଥାନରେ ଗାଈ, ଷଣ୍ଢ, ବିଲେଇ, କୁକୁର ଆଦି ଖାଇବାକୁ ପାଉନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଠାରୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ଦେବାର ବ୍ୟବସ୍ଥା କରାଯାଇଛି। ଏନେଇ ଜୀବଜନ୍ତୁଙ୍କ ପାଇଁ କାମ କରୁଥିବା ୩ଟି ସଂସ୍ଥା ଯଥା ପିପୁଲ୍ ଫର୍ ଆନିମଲ, ରିହାବିଟେଟ୍ ଫାଉଣ୍ଡେଶନ୍ ଓ ଆଳାପ ସହ ବିଏମ୍‌ସି ମିଳିତ ଭାବେ ପଦକ୍ଷେପ ନେଇଛି। ବିଏମ୍‌ସି ପକ୍ଷରୁ ୩ଟି ସଂସ୍ଥାକୁ ୩ଟି ଗାଡ଼ି ପ୍ରଦାନ କରାଯାଇଛି। ଏଥିରେ ଖାଦ୍ୟ ଓ ପାନୀୟ ନେଇ ସହରର ବିଭିନ୍ନ ସ୍ଥାନରେ ବୁଲୁଥିବା କୁକୁର, ଗାଈ ଓ ଅନ୍ୟ ଜୀବଜନ୍ତୁଙ୍କୁ ଦିଆଯିବ। ପ୍ରତ୍ୟେକ ଦିନ ଏହି କାର୍ଯ୍ୟର ତଦାରଖ କରିବା ସହ ସହରରେ ଯେପରି କୌଣସି ଜୀବଜନ୍ତୁ ଭୋକରେ ନ ରହିବେ ସେ ନେଇ ଦୃଷ୍ଟି ଦିଆଯିବ ବୋଲି ବିଏମ୍‌ସିର ଡେପୁଟି କମିଶନର (ଆନିମଲ୍ ବାର୍ଥ କଣ୍ଟ୍ରୋଲ) ଶ୍ୟାମ ସୁନ୍ଦର ସେଠୀ କହିଛନ୍ତି।




## ଆଜିଠାରୁ ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦ୍ୱିତୀୟ ଡୋଜ୍

ଭୁବନେଶ୍ୱର, ୭।୫ (ବ୍ୟୁରୋ)

- ବିଏମ୍‌ସିର ପାଇଲଟ୍ ପ୍ରକଳ୍ପ
- ଏସ୍ପ୍ଲାନେଡ୍ ମଲ୍‌ରେ ଟିକାକରଣକେନ୍ଦ୍ର

ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ହାର ବୃଦ୍ଧି ପାଉଥିବାରୁ ବିଏମ୍‌ସି ପକ୍ଷରୁ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଶନିବାରଠାରୁ ପାଇଲଟ୍ ପ୍ରକଳ୍ପ ଭାବେ ରସୁଲଗଡ଼ସ୍ଥିତ ଏସ୍ପ୍ଲାନେଡ୍ ମଲ୍‌ର ପାର୍କିଂ ସ୍ଥଳରେ ଏହି ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ। ଏଥିପାଇଁ ଶୁକ୍ରବାର ଅପରାହ୍ନ ୫ଟାରୁ ଅନ୍‌ଲାଇନ୍‌ରେ ବୁକିଂ ଆରମ୍ଭ ହୋଇଛି। ପ୍ରଥମ ଦିନ ପାଇଁ ୪ଶହ ସ୍ଲଟ୍ ରହିଛି। ରବିବାର ଟିକାକରଣ ବନ୍ଦ ରହୁଥିବାରୁ ଆସନ୍ତା ୧୦ ତାରିଖରୁ ପ୍ରତିଦିନ ୫ଶହ ଟିକା ପ୍ରଦାନ କରାଯିବ। ଏଥିପାଇଁ ଆଗୁଆ ଅନ୍‌ଲାଇନ୍‌ରେ ସ୍ଲଟ ବୁକିଂ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରଥମ ଡୋଜ୍ ଟିକା ସରକାରୀ କିମ୍ବା ଘରୋଇ ହସ୍ପିଟାଲ ଯେକୌଣସି ସ୍ଥାନରେ ନେଇଥିଲେ ମଧ୍ୟ ଏସ୍ପ୍ଲାନେଡ୍ ମଲ୍ କେନ୍ଦ୍ରରେ ଦ୍ୱିତୀୟ ଡୋଜ୍ ନେଇ ପାରିବେ। ସାଙ୍ଗରେ ଆଧାର କାର୍ଡ ଓ ପ୍ରଥମ ଡୋଜ୍ ପ୍ରମାଣପତ୍ର ନେଇ ଆସିବାକୁ ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ କହିଛନ୍ତି। ସେହିପରି ମୋଟରସାଇକେଲରେ କେବଳ ଜଣେ ଓ ଚାରିଚକିଆ ଯାନରେ ଡ୍ରାଇଭରଙ୍କୁ ମିଶାଇ ୨ଜଣ ଟିକା ନେବାକୁ ଆସି ପାରିବେ। ଆଗାମୀ ଦିନରେ ଲୋକଙ୍କ ସୁବିଧା ଦୃଷ୍ଟିରୁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଏଭଳି ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି।

## ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

ଯାଁଳା, (ଡି.ଏନ୍.ଏ): ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମ ପାଟଣାସାହିର ଯୋଗୀ ମହାରଣା (୪୯)। ପ୍ରକାଶ ଯେ, ଏପ୍ରିଲ ୧୧ରେ ଗୌଡ଼ କାଶିପୁର ଛକଠାରେ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଯୋଗୀଙ୍କ ଗୋଡ଼ ଉପରେ ମାଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମସ୍ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା।

**ସଂକ୍ଷେପରେ**

## ସାଇ କ୍ରିଷ୍ଣା କମ୍ପାନୀରୁ ୫ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

ଯାଁଳା,୭।୫(ଡି.ଏନ୍.ଏ): ଖୋର୍ଦ୍ଧା ଜିଲା ଯାଁଳା ଫାଣ୍ଡି ଅନ୍ତର୍ଗତ ମଦନପୁର ଅଞ୍ଚଳସ୍ଥିତ ସାଇ କ୍ରିଷ୍ଣା କମ୍ପାନୀରୁ ୫ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜଗତ୍‌ସିଂହପୁର ଜିଲାର ପ୍ରଦୀପ ସ୍ୱାଇଁଙ୍କ ମଦନପୁର ଅଞ୍ଚଳରେ ଥିବା ସାଇ କ୍ରିଷ୍ଣା କମ୍ପାନୀ ରହିଥିଲା। ଏଠାରେ ଖଲିପତ୍ର ତିଆରି ହୋଇଥାଏ। ଲକ୍‌ଡାଉନ ଯୋଗୁ ଗତ ୫ତାରିଖରୁ କାର୍ଯ୍ୟ କରୁଥିବା ଶ୍ରମିକମାନେ ଘରକୁ ପଳାଇଥିଲେ। ପ୍ରଦୀପ ମଧ ତାଙ୍କ ଗାଁକୁ ଯାଇଥିଲେ। କମ୍ପାନୀର ମୁଖ୍ୟ ଦ୍ୱାର ତାଲା ଭଙ୍ଗା ଯିବା ସହ ୩ଟି ଖଲି ତିଆରି ଯନ୍ତ୍ର, ପାଣି ମୋଟର ଓ ଘରର ସମସ୍ତ ୱ୍ୱାରିଂ ସାମଗ୍ରୀ ଚୋରି ହୋଇଯାଇଥିବା ଶୁକ୍ରବାର ପ୍ରଦୀପ ଦେଖିବାକୁ ପାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ପ୍ରଦୀପ କହିଛନ୍ତି। ଏନେଇ ସେ ଯାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ।

## ଖବରଦାତାଙ୍କୁ ଟିକାକରଣ

**ଖୋର୍ଦ୍ଧା ଅଫିସ, ୭।୫:** ରାଜ୍ୟ ସରକାରଙ୍କ ପକ୍ଷରୁ ଖବରଦାତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଟିକାକରଣ ଚାଲିଛି। ଶୁକ୍ରବାର ଖୋର୍ଦ୍ଧା ଜିଲାରେ ଛାପା, ବୈଦ୍ୟୁତିକ ଗଣମାଧମ ପ୍ରତିନିଧିଙ୍କୁ ଟିକା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଏବଂ ସାମ୍ବାଦିକ ଭବନରେ ଟିକାକରଣ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ଖବରଦାତାଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ଓ ସ୍ୱାସ୍ଥ୍ୟକର୍ମୀମାନେ ଟିକାକରଣରେ ସହଯୋଗ କରିଥିଲେ। ବ୍ଲକସ୍ତରୀୟ ଖବରଦାତାଙ୍କୁ ବ୍ଲକସ୍ତରରେ ଆୟୋଜିତ ଟିକାକରଣ ସମୟରେ ଟିକାଦେବା ବ୍ୟବସ୍ଥା କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବରିଷ୍ଠ ଖବରଦାତା ପ୍ରଦୀପଙ୍କ ବିୟୋଗରେ ଶୋକ

**ଖୋର୍ଦ୍ଧା ଅଫିସ,୭।୫:** କୋଭିଡ୍ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଗଞ୍ଜାମ ଜିଲା ବ୍ରହ୍ମପୁରର ବରିଷ୍ଠ ଖବରଦାତା ପ୍ରଦୀପ କିଶୋର ସାହୁଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଖୋର୍ଦ୍ଧାରେ ଖବରଦାତାଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଗଣମାଧମ ପ୍ରତିନିଧିମାନେ ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ଧରିତ୍ରୀରେ ଦୀର୍ଘ ୧୪ବର୍ଷ ଧରି ବାରିପଦା, ଖୋର୍ଦ୍ଧା, ପୁରୀ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ପରେ ୨ବର୍ଷ ହେବ ଏକ ଖବରକାଗଜରେ ଗଞ୍ଜାମ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। କରୋନାରେ ଆକ୍ରାନ୍ତ ହୋଇ ବ୍ରହ୍ମପୁରସ୍ଥିତ ଅଶ୍ୱିନୀ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିଥିଲା।

## ଅବକାରୀ ଚଢ଼ାଉ, ୪ ଗିରଫ



**ଖୋର୍ଦ୍ଧା ଅଫିସ, ୭।୫:** ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ବିଦେଶୀ ମଦ ଏବଂ ଦେଶୀମଦ ବିକ୍ରି ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ବେଗୁନିଆପଡାର ସିଲୁ କୋଡାମସିଂ(୨୫), ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ରଞ୍ଜୁ ଦେବୀ(୫୨), ଚଣ୍ଡେଶ୍ୱର ସାହୁ(୩୨) ଏବଂ ରତିକାନ୍ତ ଦାସ(୩୦)। ଏମାନଙ୍କଠାରୁ ବିଦେଶୀ ମଦ ୧୧୬.୨୮୦ ଲିଟର, ବିୟର ଶହେ ଲିଟର, ପୋଚ ୫୪୦୦କେଜି, ଦେଶୀ ମଦ ୩୨୦ଲିଟର ଜବତ ହୋଇଛି। ଖୋର୍ଦ୍ଧା ନୂଆବସ୍ ଷ୍ଟାଣ୍ଡ, ଉପରସାହି ଏବଂ ରାମଚନ୍ଦ୍ରପୁର ଅଞ୍ଚଳରେ ଚଢ଼ାଉ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ବି.ସାହୁ ସୂଚନା ଦେଇଛନ୍ତି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

# ଚୁଆ ମେଣ୍ଟାଉଛି ୬୦୦ ଲୋକଙ୍କ ଶୋଷ

- ପାନୀୟ ଜଳ ପ୍ରକଳ୍ପ ଅଚଳ
- ନଦୀରୁ ପାଣି ବୋହୁଛନ୍ତି
- ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ନିରାକାରପୁର, ୭।୫(ଡି.ଏନ୍.ଏ)



ଚୁଆରୁ ଜଣେ ମହିଳା ପାଣି ସଂଗ୍ରହ କରୁଛନ୍ତି।

ଖୋର୍ଦ୍ଧା ଜିଲା ଓରବରସିଂହ ପଞ୍ଚାୟତ ଲେଖନପୁର ଗ୍ରାମର ଉପରସାହି ଓ ତଳସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗ୍ରାମରେ ନଳକୂପ ନ ଥିବା ବେଳେ ୪ଟି କୂଅ ରହିଛି। ଏହା ବନ୍ୟାଞ୍ଚଳ ଏରିଆ ହୋଇଥିବାରୁ ବର୍ଷକ ୧୨ମାସ ଏଠାରେ ଶୁଦ୍ଧ ପାନୀୟ ଜଳ ପାଇଁ ହଇରାଣ ହେଉଥିବା ଗ୍ରାମବାସୀ କହିଛନ୍ତି। ଫଳରେ ମଲାଗୁଣୀ ନଦୀର ଚୁଆ ମେଣ୍ଟାଉଛି ଲୋକଙ୍କ ଶୋଷ। ଗ୍ରାମବାସୀ ଏହି ନଦୀରେ ଚୁଆ କରିବା ସହ ପିଇବା ପାଇଁ ପାଣି ଏଠାରୁ ନେଉଛନ୍ତି। ୨୦୧୮ରେ ରାୟପୁରଠାରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ପାଣି ଯୋଗାଇ ପାରୁ ନ ଥିବାରୁ ପିଇବା ପାଣି ପାଇଁ ଦୁଇ ଗ୍ରାମର ୬୦୦ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରୁ ବିଭାଗୀୟ ଅଧିକାରୀ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ଗ୍ରାମର ରଜନୀ ସାହୁ କହିଛନ୍ତି, ପାଇପରୁ କିଛି ଦିନ ପିଇବା ପାଣି ଆସିବା ପରେ ବନ୍ଦ ହୋଇଯାଇଛି। ଫଳରେ ନଦୀରେ ଚୁଆ କରି ପାଣି ବ୍ୟବହାର କରୁଛୁ ବୋଲି ସେ କହିଛନ୍ତି। ସେହିପରି ଗ୍ରାମର କନକ ସାହୁ କହିଛନ୍ତି, ଶୁଦ୍ଧ ପାଣି ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ମଧ କେହି ଶୁଣୁ ନାହାନ୍ତି। ବର୍ଷା, ଖରା, ଶୀତଦିନେ ଶୁଦ୍ଧ ପାନୀୟ ଜଳର ସମସ୍ୟା ଲାଗିରହିଛି। ଗ୍ରାମ ନିକଟରେ ୨୦୧୮ରେ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ ହୋଇଥିଲା। ଚାରିଆଡେ ଷ୍ଟାଣ୍ଡପୋଷ୍ଟ କରାଯାଇ କିଛିଦିନ ପାଣି ଯୋଗାଇ ଦିଆଯାଇଥିଲା। ମାତ୍ର ପୁଣି ବନ୍ଦ ହୋଇଗଲା। କରୋନା ସମୟରେ ଶୁଦ୍ଧ ପାଣି ପାଇଁ କୁଆଡେ ଯିବୁ ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଥିପ୍ରତି ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଖୋର୍ଦ୍ଧା ଜଳ ପ୍ରକଳ୍ପ ଏସ୍‌ଡିଓ ଲକ୍ଷ୍ମୀଧର ବଳିଆରସିଂହଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନ ଥିଲା।

## ନୌସେନା ତାଲିମ କେନ୍ଦ୍ରରେ କୋଭିଡ୍ କେୟାର ସେଣ୍ଟର




ଜିଲାପାଳ ସନତ ମହାନ୍ତି କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟନ କରୁଛନ୍ତି।

ବାଲୁଗାଁ, ୭।୫(ଡି.ଏନ୍.ଏ)

କୋଭିଡ୍ ସମସ୍ୟାକୁ ଉପଲବ୍ଧି କରି ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ସମନ୍ୱୟରେ ଆକ୍ରାନ୍ତଙ୍କୁ ଚିକିତ୍ସା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତୀୟ ନୌସେନାର ଚିଲିକା ଶାଖା ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ରରେ କମୋଡର ଏନ୍‌ପି ପ୍ରଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠିତ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି। ଶୁକ୍ରବାର ଜିଲାପାଳ ସନତ କୁମାର ମହାନ୍ତି ଉଦ୍‌ଘାଟନ କରିଛନ୍ତି। ୧୫୦ଶଯ୍ୟାବିଶିଷ୍ଟ ଏହି କେନ୍ଦ୍ର ସ୍ଥାପନ ହୋଇଥିବା ବେଳେ ଗୁରୁତର ଆକ୍ରାନ୍ତଙ୍କୁ ଅକ୍ସିଜେନ ସହାୟତା ନିମନ୍ତେ ଆଇଏନଏସ ନିବାରିଣୀ ଡାକ୍ତରଖାନାରେ ୧୫ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି। ଶନିବାରଠାରୁ ଏହି କେନ୍ଦ୍ରରେ ରୋଗୀଙ୍କ ଚିକିତ୍ସାର ଶୁଭାରମ୍ଭ ହେବ। ଏଥିପାଇଁ ୩ ଡାକ୍ତର, ୪ ସହକର୍ମଚାରୀ ଏବଂ ୩ ଜଣ ନର୍ସଙ୍କ ସମେତ ସମସ୍ତ ଚିକିତ୍ସା ଉପକରଣ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି। ମୁଖ୍ୟତଃ ବାଲୁଗାଁ, ବାଣପୁର ଏବଂ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ଚିହ୍ନଟ ଗୁରୁତର ଆକ୍ରାନ୍ତଙ୍କୁ ଏଠାରେ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଜିଲା ଚିକିତ୍ସାଧିକାରୀ ଡା.ବିଶ୍ୱରଞ୍ଜନ ପତି କହିଛନ୍ତି। ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୌମ୍ୟରଞ୍ଜନ ଦାସପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ସେଣ୍ଟର ପରିଚାଳିତ ହେବ। କୌଣସି ଆକ୍ରାନ୍ତ ଏଠାରେ ରହି ଚିକିତ୍ସା ପାଇଁ ଇଚ୍ଛା ପ୍ରକାଶ କରନ୍ତି, ସେମାନେ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ନୌସେନାର ଏହି ପଦକ୍ଷେପ ଆକ୍ରାନ୍ତଙ୍କ ଚିକିତ୍ସା କ୍ଷେତ୍ରରେ ସହାୟକ ହେବା ସହ ଆତ୍ମବିଶ୍ୱାସ ବଢ଼ାଇବ ବୋଲି ଜିଲାପାଳ ମହାନ୍ତି କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକ(ରାଜସ୍ୱ) ଓ ମନୋଜ ପାତ୍ରୀ, ଉପଜିଲାପାଳ ଅଶୋକ କୁମାର ବେହୁରିଆ, ଚିଲିକା ତହସିଲଦାର ପୁନମ ମହାପାତ୍ର, ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡାଙ୍ଗୁଆଙ୍କ ସମେତ ନୌସେନା ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କୋଭିଡ୍ ସ୍ଥିତି ଅନୁଧ୍ୟାନ କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

କୃଷ୍ଣପ୍ରସାଦ,୭।୫(ଡି.ଏନ୍.ଏ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉକ୍ତ ଅଞ୍ଚଳର କୋଭିଡ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସଂକ୍ରମିତଙ୍କୁ ତୁରନ୍ତ ସଙ୍ଗରୋଧ କେନ୍ଦ୍ରରେ ଚିକିତ୍ସା ଯୋଗାଇଦେବା ନେଇ ଗୁରୁତ୍ୱାରୋପ କରିଛନ୍ତି। ପ୍ରବାସୀଙ୍କ ଆଗମନ ଏବଂ ସଂକ୍ରମଣ ନ ବଢିବା ନେଇ ସେଥିପ୍ରତି ସଜାଗ ରହିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଅଭିମନ୍ୟୁ ମାଝୀ, ତହସିଲଦାର ଉଲ୍ଲାସ କୁମାର ସେଠୀ, ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଫୁଲ କୁମାର ଜେନା, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପୋଲିସ ସମିତି ପକ୍ଷରୁ ଶିଶୁ କବି ସମ୍ବର୍ଦ୍ଧିତ

କଣାସ,୭।୫(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଶିଶୁପ୍ରତିଭା ଅର୍ଚ୍ଚିତା ଶ୍ରୀଚନ୍ଦନଙ୍କୁ ଗଡ଼ିଶାଗୋଡା ଥାନା ଆମ ପୋଲିସ ସମିତି ତରଫରୁ ସମ୍ମାନିତ କରାଯାଇଛି। ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ଏହି ଛାତ୍ରୀଙ୍କର ୨୦୧୯ ମସିହାରେ 'ମାମା ମୂର୍ଚ୍ଛନା' ନାମକ ଏକ ପୁସ୍ତକ ପ୍ରକାଶିତ ହୋଇଥିଲା। ଏହି କୁନିକବିଙ୍କ ସମ୍ପର୍କରେ ପ୍ରକାଶିତ ତଥ୍ୟ ସୋସିଆଲ ମିଡିଆରେ ଜାଣିବାପରେ ଗଡ଼ିଶାଗୋଡା ଥାନାଧିକାରୀ ଦେବାଶିଷ ମିଶ୍ର ଅର୍ଚ୍ଚିତାଙ୍କୁ ଉତ୍ସାହିତ କରିବାପାଇଁ ସମ୍ବର୍ଦ୍ଧିତ କରିଛନ୍ତି। ଆଜିର ଶିଶୁ କାଲିର ଭବିଷ୍ୟତ ଓ ପ୍ରୋତ୍ସାହନ ପ୍ରେରଣା ବଳରେ ଶିଶୁଟି ଭବିଷ୍ୟତରେ ଉତ୍ତମ ଲେଖା ମାଧ୍ୟମରେ ସମାଜର ଦିଗଦର୍ଶନ ଦେଇପାରିବ ବୋଲି ଥାନାଧିକାରୀ ମିଶ୍ର କହିଛନ୍ତି। ପୋଲିସର ଏହି ଲୋକାଭିମୁଖୀ କାର୍ଯ୍ୟଧାରାକୁ ସାଧାରଣରେ ସ୍ୱାଗତ କରାଯାଇଛି।

## କଳାବଜାର, ଦର ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ବ୍ୟବସାୟୀଙ୍କ ସହ ପ୍ରଶାସନର ଆଲୋଚନା**

ଖୋର୍ଦ୍ଧା ଅଫିସ,୭।୫



ପ୍ରଶାସନିକ ଅଧିକାରୀ ଏବଂ ବ୍ୟବସାୟୀମାନେ ଆଲୋଚନା କରୁଛନ୍ତି।

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ୧୪ଦିନିଆ ଲକ୍‌ଡାଉନ ଜାରି ରହିଛି। ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ଏହାର ସୁଯୋଗରେ କେତେଜଣ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ଆରମ୍ଭ କରି ଦେଇଛନ୍ତି। ବଜାରରୁ ଆଳୁ ରାତାରାତି ଗାଏବ ହୋଇଯାଇଥିବା ବେଳେ ସାମଗ୍ରୀ ଦର ମଧ ବୃଦ୍ଧି ପାଇଛି। ଶୁକ୍ରବାର ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ ଏବଂ ଉପଜିଲାପାଳ ଅଶୋକ ବେହୁରିଆ ସହରର ସମସ୍ତ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। କଳାବଜାରକୁ ରୋକିବା ସହ ଦର ତାଲିକା ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବା ଓ ଗ୍ରସେରି ଦର ତାଲିକା ଦୋକାନ ଆଗରେ ଲଗାଇବାକୁ ଅତିରିକ୍ତ ଜିଲାପାଳ ପାତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଣ ବିଭାଗ ଅଧିକାରୀମାନେ ବିଭିନ୍ନ ଗୋଦାମ, ପରିବା ହାଟ, ଗ୍ରସେରି ଦୋକାନରେ ଦର ତାଲିକା ଯାଞ୍ଚ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ କଳାବଜାର ରୋକିବା ଲାଗି ଉପଜିଲାପାଳ ତରୁଣ ମହାପାତ୍ର (ମୋ-୯୪୩୮୦୮୦୪୮୦),ଏସ୍‌ଏସ୍‌ଏସ୍‌ଓ ପବିତ୍ର ମୋହନ ଜେନା (ମୋ-୬୩୭୧୮୩୮୫୪୦)ଙ୍କୁ ଦାୟିତ୍ୱ ଦିଆଯାଇଛି। ଏମାନଙ୍କୁ ୮ଜଣ ସହାୟକ ଅଧିକାରୀ ସହଯୋଗ କରିବେ। ଏହି ଅଧିକାରୀମାନେ ସକାଳ ୬ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବିଭିନ୍ନ ଦୋକାନ, ଗୋଦାମ ଉପରେ ନଜର ରଖିବେ। ଏଥିସହ ଆଇନ୍ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରିବେ। ବେହୁରିଆ କୌଣସି ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର ଚାଲିଥିବା ଖବର ପାଇଲେ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଉପଜିଲାପାଳ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲିପ୍‌ସା



@ ହରି



@ ନରେନ୍ଦ୍ର



@ ବିଶ୍ୱଜିତ୍



@ ବୁଟୁ



@ ସୁବ୍ରତ



@ ସମୀର

# ୩୦୦ ଟପିଲା ଦୈନିକ ସଂକ୍ରମଣ

ଖୋର୍ଦ୍ଧା ଅଫିସ,୭।୫



ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦିନକୁ ଦିନ ସଂକ୍ରମଣ ହାର ବଢ଼ିବାରେ ଲାଗିଛି। ଗତ ୨୪ଘଣ୍ଟା ମଧ୍ୟରେ ଗ୍ରାମାଞ୍ଚଳରେ ୩୧୧ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ବାଲିଅନ୍ତା ବ୍ଲକର ୩୧, ବାଲିପାଟଣା ୩୧, ଭୁବନେଶ୍ୱର ବ୍ଲକ ୨୭, ଜଟଣୀ ୪୦, ଖୋର୍ଦ୍ଧା ସର୍ବାଧିକ ୬୩, ବେଗୁନିଆ ୨୮, ବୋଲଗଡ଼ ୨୧, ଟାଙ୍ଗୀ ୧୫, ଚିଲିକା ୩୬ ଏବଂ ବାଣପୁରର ୧୯ ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସୁଦ୍ଧା ୩,୧୮,୭୭୦ ନମୁନା ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ୧୫,୯୧୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪,୭୩୮ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ୧,୧୧୫ସକ୍ରିୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧା ଉପଖଣ୍ଡରେ ଶୁକ୍ରବାର ୬୪୭ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୬୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୩୮ଜଣ ସୁସ୍ଥ ହୋଇ ଫେରିଛନ୍ତି। ଅନ୍ୟପଟେ ଶୁକ୍ରବାର ସୁଦ୍ଧା ଉପଖଣ୍ଡରେ ମୋଟ୍ ୨,୦୮,୬୪୦ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୯୭୫୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୯୧୪୭ ସୁସ୍ଥ ହୋଇଛନ୍ତି। ୫୩୮ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଟିକା ଅଭାବରୁ ଜିଲାରେ ଟିକାକରଣ ମନ୍ଥର ଗତିରେ ଚାଲିଛି। ମେ'ପହିଲାରୁ ପ୍ରଥମ ଡୋଜ୍ ଟିକାକରଣ ବନ୍ଦ ରହିଥିବା ବେଳେ କେବଳ ଦ୍ୱିତୀୟ ଡୋଜ ନେବାକୁ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରାଥମିକତା ଭିତ୍ତିରେ ଦିଆଯାଉଛି। ଶୁକ୍ରବାର ୫ଟି କେନ୍ଦ୍ରରେ ୭୪୬ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ୮ ଗ୍ରାମ, ୨ ୱାର୍ଡ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ଖୋର୍ଦ୍ଧା ଅଫିସ,୭।୫: କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ଲାଗି ଖୋର୍ଦ୍ଧା ଉପଖଣ୍ଡ ପକ୍ଷରୁ ଖୋର୍ଦ୍ଧା ବ୍ଲକର ୮ଟି, ଖୋର୍ଦ୍ଧା ପୌରାଞ୍ଚଳ ଓ ବାଲୁଗାଁ ଏନ୍‌ଏସିର ଗୋଟିଏ ଲେଖାଏ ୱାର୍ଡକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଶୁକ୍ରବାରଠାରୁ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଜନସ୍ୱାର୍ଥ ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଖୋର୍ଦ୍ଧା ବ୍ଲକର ଧଉଳିମୁହଁ, ଗୋଡିପଡ଼ା, ଜଙ୍କିଆ, ମଲ୍ଲିପଡ଼ା, କୁମାରବସ୍ତ ଜରିପୁଟ, ପାଇକତିଗରିଆ ଆଦି ଗ୍ରାମ ରହିଥିବା ବେଳେ ଖୋର୍ଦ୍ଧା ପୌରାଞ୍ଚଳର ୩ନଂ. ୱାର୍ଡର ଗୋଟିଏ ପରିବାର ଏବଂ ବାଲୁଗାଁ ଏନ୍‌ଏସି ୩ନଂ. ୱାର୍ଡର ଶାନ୍ତି ନଗରର ୯ଟି ପରିବାର ଏହି କଟକଣାରେ ରହିବେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟ ସର୍ବେକ୍ଷଣ ଏବଂ ସାନିଟାଇଜ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଉପଜିଲାପାଳ ବେହୁରିଆ କହିଛନ୍ତି।

## ବିନା ଭକ୍ତରେ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା

ପୁରୁଣା ଭୁବନେଶ୍ୱର, ୭।୫ (ଡି.ଏନ୍.ଏ.)

ଚଳିତ ବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା କୋଭିଡ୍ କଟକଣା ଭିତରେ ନିରାଡମ୍ବରରେ ପଳନ ହେବ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ଏନେଇ ଅନୁମତି ମିଳିଛି। ଏଥିସହ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି ହୋଇଛି। ଆସନ୍ତା ୧୫ ତାରିଖ ଅକ୍ଷୟ ତୃତୀୟାରେ ଚନ୍ଦନାଯାତ୍ରା ଅନୁଷ୍ଠିତ ହେବ। ଏହା ୨୨ଦିନ ଧରି ଚାଲିବ। ଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା ପରି ଚନ୍ଦନଯାତ୍ରା ମଧ ବିନା ଭକ୍ତରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ୧୫ଜଣ ସେବାୟତଙ୍କୁ ନେଇ ଏହି ଯାତ୍ରା କରାଯିବ ବୋଲି କୁହାଯାଇଛି। ୧୨ ଘରିଆ ନାଉରିଆ ସେବାୟତଙ୍କ ବଦଳରେ ପ୍ରତିଦିନ ୬ଜଣ ନାଉରିଆ ସେବାୟତ ଚାପ ଡଙ୍ଗା ଚଳାଇବେ। ମନ୍ଦିର କର୍ତ୍ତୃପକ୍ଷ ୧୫ଜଣ ସେବାୟତଙ୍କ ତାଲିକା ପ୍ରସ୍ତୁତ କରି ବିଏମ୍‌ସିକୁ ଦେବେ। ଯାତ୍ରାର ୪୮ ଘଣ୍ଟା ପୂର୍ବରୁ ତାଲିକାରେ ନାଁ ଥିବା ସମସ୍ତ ସେବାୟତଙ୍କ ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ସେହିପରି ନେଗେଟିଭ୍ ରିପୋର୍ଟ ଥିବା ସତ୍ତ୍ୱେ କୌଣସି ସେବାୟତ ଅସୁସ୍ଥ ହେଲେ କିମ୍ବା କୌଣସି ଲକ୍ଷଣ ଦେଖା ଦେଲେ ସେମାନଙ୍କୁ ଯାତ୍ରାରେ ଅଂଶ ଗ୍ରହଣ କରିବାକୁ ଅନୁମତି ମିଳିବ ନାହିଁ। ଚନ୍ଦନଯାତ୍ରା ପୂର୍ବରୁ ଚନ୍ଦନ ଡଙ୍ଗାକୁ ସାନିଟାଇଜ୍ କରାଯିବ। ଯାତ୍ରାର ସମସ୍ତ ରୀତିନୀତି ସମୟରେ ସେବାୟତମାନଙ୍କୁ ମୁହଁରେ ମାସ୍କ ଲଗାଇବାକୁ ପଡିବ। ୬ ଫୁଟର ଦୂରତା ରକ୍ଷା କରିବା ସହ ଗୁଟ୍‌ଖା ସେବନକୁ ବାରଣ କରାଯାଇଛି।